# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**19 August – 2025**

**News Editor : Tapan Kumar Moharana**

*********************************

## ମୁଖ୍ୟ ସମ୍ବାଦ

- କପା ଆମଦାନୀ ଉପରେ ସମ୍ପୂର୍ଣ୍ଣ ସୀମା ଶୁଳ୍କ ଛାଡ କଲେ କେନ୍ଦ୍ର ସରକାର
- ବି. ସୁଦର୍ଶନ ରେଡ୍ଡୀ ଇଣ୍ଡି ମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀ
- ଭଦ୍ରକରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ରାଜ୍ୟପାଳ; ଲକ୍ଷପତି ଦିଦିଙ୍କ ସହ କଲେ ଭାବ-ବିନିମୟ
- ରାଜ୍ୟର ୩ ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁବାଟିକା ପିଲାଙ୍କୁ ଯୋଗାଇ ଦିଆଯିବ ସ୍କୁଲ ପୋଷାକ

ଏବଂ

- ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ କେନ୍ଦ୍ରୀଭୂତ ହେଲା ଅବପାତ; ନବରଙ୍ଗପୁର ଓ କଳାହାଣ୍ଡିରେ ଅତି ପ୍ରବଳ ବର୍ଷା ସମ୍ଭାବନା

## ସୀମା ଶୁଲ୍କ ଛାଡ

କପା ଆମଦାନୀ ଉପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ସୀମା ଶୁଲ୍କ ଛାଡ ନେଇ ଘୋଷଣା କରାଯାଇଛି। କୃଷି ଭିତ୍ତିଭୂମି ଏବଂ ବିକାଶ ସେସ୍ ମଧ୍ୟ ଛାଡ କରାଯାଇଥିବା ନେଇ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି। ଆଜିଠାରୁ ଆସନ୍ତା ମାସ ୩୦ ତାରିଖ ପର୍ଯ୍ୟନ୍ତ ଏହା ବୈଧ ରହିବ ବୋଲି ଜଣାପଡିଛି।

## ଉପରାଷ୍ଟ୍ରପତି ପ୍ରାର୍ଥୀ

ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି.ସୁଦର୍ଶନ ରେଡ୍ଡୀ ଇଣ୍ଡି ମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀ ହୋଇଛନ୍ତି। ଏ ସମ୍ପର୍କରେ କଂଗ୍ରେସର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଘୋଷଣା କରିଛନ୍ତି। ଶ୍ରୀ ଖଡ୍‌ଗେ କହିଛନ୍ତି, ବି.ସୁଦର୍ଶନ ରେଡ୍ଡୀଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ କରିବା ପାଇଁ ସମସ୍ତ ବିରୋଧି ଦଳ ପକ୍ଷରୁ ସହମତି ପ୍ରକାଶ ପାଇଛି। ଶ୍ରୀ ରେଡ୍ଡୀ ଆସନ୍ତା ୨୧ ତାରିଖରେ ନାମାଙ୍କନପତ୍ର ଦାଖଲ କରିବେ।

## ରାଜ୍ୟପାଳ ଆଲୋଚନା

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି **ଭଦ୍ରକ** ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଜିଲ୍ଲାର ବନ୍ତ ବ୍ଲକ୍ କାଦବରାଙ୍ଗ ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବୁଲି ଦେଖିଥିଲେ ଓ ଲକ୍ଷପତି ଦିଦିଙ୍କ ସହ ଭାବବିନିମୟ କରିଥିଲେ। ରାଜ୍ୟପାଳ ବନ୍ତ ବ୍ଲକ୍‌ରେ କୃଷି ହିତାଧିକାରୀ ଓ ପ୍ରଧାନମନ୍ତ୍ରୀ ଆବାସ

ଯୋଜନା ହିତାଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅପରାହ୍ଣରେ ରାଜ୍ୟପାଳ ଅନ୍ୟ କେତେକ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ରାଜ୍ୟପାଳ ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ୧୦୦ଜଣ ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟଭାବେ ଗ୍ରହଣ କରିବେ । ଟିବିମୁକ୍ତ ଭାରତ ଅଭିଯାନ ଅଧୀନରେ ସେମାନଙ୍କୁ ଆରୋଗ୍ୟଲାଭ କରିବା ପର୍ଯ୍ୟନ୍ତ ପୋଷଣଯୁକ୍ତ ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯିବ । ରାଜଭବନ ପକ୍ଷରୁ ଆଗତ ପ୍ରସ୍ତାବକୁ ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ସମ୍ମତି ପ୍ରକାଶ କରିଛି । ଏହିକ୍ରମରେ ଖୋର୍ଦ୍ଧା ଜିଲ୍ଲାର ୧୦୦ଜଣ ଯକ୍ଷ୍ମା ରୋଗୀଙ୍କୁ ପୋଷଣଯୁକ୍ତ ଖାଦ୍ୟପ୍ୟାକେଟ୍ ବଣ୍ଟନ କରାଯାଇପାରିବ । ଖାଦ୍ୟ ବଣ୍ଟନ ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଆକାଉଣ୍ଟରେ ୪ଲକ୍ଷ ୨୦ହଜାର ଟଙ୍କା ଜମା କରାଯିବ ବୋଲି ଜଣାପଡିଛି ।

## ସମୀକ୍ଷା ବୈଠକ

**ଢେଙ୍କାନାଳ** ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାରେ ଉନ୍ନୟନ କାର୍ଯ୍ୟ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଯୋଗଦେଇ ଜିଲ୍ଲାବାସୀଙ୍କୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ନିଯୁକ୍ତିରେ ଅଗ୍ରାଧିକାର ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ଜିଲ୍ଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ବାଜିରୌକସ୍ଥିତ ମେଡିକାଲରେ ୩ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହାକୁ ସିଟି ହସ୍‌ପିଟାଲରେ ପରିଣତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି । ମେଡିକାଲ କଲେଜ ସ୍ଥାପନ ସହ ଦକ୍ଷିଣ କାଳୀ ମେଡିକାଲ ରାସ୍ତାର ପ୍ରଶସ୍ତୀକରଣ, ବନମାଳୀପ୍ରସାଦଠାରେ ସ୍ପୋର୍ଟସ୍ କମ୍ପ୍ଲେକ୍ସ ନିର୍ମାଣ ଏବଂ ପ୍ରସ୍ତାବିତ ରିଂ ରୋଡ୍ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା ।

## ଦୁର୍ଘଟଣା

**ଗଞ୍ଜାମ** ଜିଲ୍ଲା ଛତ୍ରପୁରଠାରେ ଦୁର୍ଘଟଣାରେ ଏସ୍.ରେଡ୍ଡୀଙ୍କ ପ୍ରାଣହାନୀ ହୋଇଛି । ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏଥିସହ ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କ ପାଇଁ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

## ସ୍କୁଲ ୟୁନିଫର୍ମ

ରାଜ୍ୟର ୩୫ ହଜାର ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଖୋଲାଯାଇ ୩ ଲକ୍ଷ ୧୦ ହଜାର ୮୪୯ ପିଲାଙ୍କୁ ୟୁନିଫର୍ମ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

କହିଛନ୍ତି। ମନ୍ତ୍ରୀ କହିଛନ୍ତି, ପ୍ରତି ପିଲା ପିଛା ୧ ହଜାର ଟଙ୍କା ଦିଆଯିବା ପାଇଁ ସ୍ଥିର ହୋଇଛି। ବିଦ୍ୟାଳୟରେ ପିଲାଙ୍କ ଉପସ୍ଥାନ ବୃଦ୍ଧି କରିବା ଏବଂ ଅଧାରୁ ପାଠ ଛାଡ଼ିବା ହାର ହ୍ରାସ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରୀ କହିଛନ୍ତି।

## ତାଳ ଗୋଟମା ରୋପଣ

**ଗଞ୍ଜାମ** ଜିଲ୍ଲା ଚିକିଟି ପଞ୍ଚାୟତ ସମିତି ଅନ୍ତର୍ଗତ ସମୁଦ୍ର ତଟବର୍ତ୍ତୀ କତୁର ଗ୍ରାମର ସରକାରୀ ମାଧ୍ୟମିକ ବିଦ୍ୟାଳୟରେ ତାଳବୃକ୍ଷ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଛାତ୍ରଛାତ୍ରୀମାନଙ୍କୁ ତାଳଗଛର ଆବଶ୍ୟକତା ଓ ସୁରକ୍ଷା ସମ୍ପର୍କରେ ପ୍ରଧାନ ଶିକ୍ଷକ ବୁଝାଇଥିଲେ। ଗ୍ରାମକୁ ଘେରି ରହିଥିବା କେନାଲ ପାର୍ଶ୍ୱରେ ତାଳ ଗୋଟମା ରୋପଣ କରାଯାଇଛି।

## ତାଲିମ ଶିବିର

**ଗଞ୍ଜାମ** ଜିଲ୍ଲା ଛତ୍ରପୁରଠାରେ ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ଏବଂ ଘୁମୁସର ଉତ୍ତର ବନଖଣ୍ଡ ପକ୍ଷରୁ ଚାଲିଥିବା ମହୁଚାଷ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କୁ ମହୁଚାଷ, ମହୁ ଅମଳ ଯନ୍ତ୍ର ପ୍ରଦାନ କରିଥିଲେ। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ମାଧ୍ୟମରେ ମହିଳାଙ୍କ ଉନ୍ନତି ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ ସଚିବ ସଞ୍ଜୟ କୁମାର ମିଶ୍ର କହିଛନ୍ତି। ୫୦ ଜଣ ମହିଳା ଓ ପୁରୁଷଙ୍କୁ ତାଲିମ ଦିଆଯିବା ସହ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯାଇଛି।

## ଏକାଦଶୀ

**ପୁରୀ** ଶ୍ରୀମନ୍ଦିରରେ ଭାଦ୍ରବ କୃଷ୍ଣପକ୍ଷ ଏକାଦଶୀ ତିଥିରେ ଶ୍ରୀଜୀଉଙ୍କ କାଳୀୟ ଦଳନ ବେଶ ଓ ଧେନୁକାଶୁର ବଧ ପ୍ରସ୍ତାବ ଅନୁଷ୍ଠିତ ହେବ। ଆଜି ମଧ୍ୟାହ୍ନ ଧୂପ ବଢ଼ିବା ପରେ  ମଦନମୋହନ ଓ ରାମକୃଷ୍ଣଙ୍କୁ  ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ପ୍ରଦାନ କରିବେ। ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ଝୁଲଣ ମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇବେ। ଠାକୁରମାନେ ଶ୍ରୀମନ୍ଦିର ବେଢ଼ା ପରିକ୍ରମା କରି ଲୋକନାଥ ରୋଡ ସ୍ଥିତ ଲବଣୀଖିଆ ମଣ୍ଡପ ବିଜେ କରିବେ। ବନ୍ଦାବନା, ଶୀତଳଭୋଗ ନୀତି ସମାପନ ପରେ ମାର୍କଣ୍ଡ ପୁଷ୍କରିଣୀଠାରେ ମହାପ୍ରଭୁଙ୍କ କାଳୀୟ ଦଳନ ଲୀଳା ନୀତି ସମାପନ ହେବ। ଶୀତଳଭୋଗ ଓ ବନ୍ଦାପନା ହୋଇ ମହାପ୍ରଭୁ ବାହୁଡା ବିଜେ କରିସାରିବା ପରେ ଜୟବିଜୟ ଦ୍ୱାରଠାରେ ଏକାଦଶୀ ଭୋଗ ଓ ବନ୍ଦାପନା ନୀତି ବଢ଼ି ଠାକୁର ଦକ୍ଷିଣୀଘରକୁ ବିଜେ କରିବେ। ଅନ୍ୟାନ୍ୟ ନୀତି ବଢ଼ିବା ପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ କାଳୀୟଦଳନ ବେଶରେ ସଜ୍ଜିତ କରାଯିବ। ଗତକାଲି ଶ୍ରୀମନ୍ଦିରରେ ଠାକୁରଙ୍କ ବଣଭୋଜି ବେଶ, କୋଳିବିକା ନୀତି, ବକାସୁର ଓ ଅର୍ଘାସୁର ବଧ ନୀତି ଅନୁଷ୍ଠିତ ହୋଇଥିଲା।

## ବିଶ୍ୱ ଫଟୋଗ୍ରାଫି ଦିବସ

ଜୀବନରେ ଫଟୋର ମହତ୍ତ୍ୱ ଓ ଫଟୋଗ୍ରାଫରଙ୍କ କଳାକୁ ସମ୍ମାନ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ଫଟୋଗ୍ରାଫି ଦିବସ ଭାବେ ପାଳନ କରାଯାଇଥାଏ। ଚିତ୍ର ଉତ୍ତୋଳନରେ ରୁଚି ରଖୁଥିବା

ତଥା ଏହାକୁ ବୃତ୍ତି ଭାବରେ ଆପଣାଇଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନ ଦେବା ଆଜି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

ଶୁଣନ୍ତୁ ଏ ସମ୍ପର୍କରେ ଏ ରିପୋର୍ଟ.....

ପୁରୁଣା ସ୍ମୃତିକୁ ସାଇତି ରଖିବାର ଏକ ଉତ୍କୃଷ୍ଟ ମାଧ୍ୟମ ହେଉଛି ଫଟୋ ବା ଛବି। ଏକ ଫଟୋ ମୂଲ୍ୟବାନ ମୁହୂର୍ତ୍ତକୁ କଏଦ କରିବା ସହ ପୁରୁଣା ସ୍ମୃତିକୁ ସତେଜ କରି ରଖିଥାଏ। ଯେତେବେଳେ ଶବ୍ଦ ଭାବନାକୁ ପ୍ରକାଶ କରିବାରେ ଅସମର୍ଥ ହୁଏ ସେହି ସମୟରେ ଏକ ଫଟୋ ହଜାରେ ଶବ୍ଦ ବୟାନ କରିବାର କ୍ଷମତା ରଖେ। ଚିତ୍ର ଉତ୍ତୋଳନ ବା ଫଟୋଗ୍ରାଫି ଏକ କଳା ଭାବେ ସମାଜରେ ମାନ୍ୟତା ପାଇଛି। ଏହି କଳା ଯାହା ଆବେଗ, ଉତ୍କଣ୍ଠା, କୌତୁହଳ ଓ ସୃଜନଶୀଳତାର ମିଶ୍ରିତ ପ୍ରତିଫଳନ। ୧୮୩୯ ମସିହା ଜାନୁୟାରୀ ୯ ତାରିଖରେ ଫ୍ରାନ୍‌ସ୍‌ର ଜୋସେଫ ନାଇସ୍‌ଫୋର ଏବଂ ଲୁଇସ୍ ଡାଗୁଏ'ରେ ମିଳିତ ଭାବେ ଏହି ଦିବସକୁ ଆରମ୍ଭ କରିଥିଲେ। ଫଟୋଗ୍ରାଫି ଦିବସ ସମ୍ପର୍କରେ ଢେଙ୍କାନାଳ ସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନର ଅବସରପ୍ରାପ୍ତ ବୈଷୟିକ ସଂଯୋଜକ (ଫଟୋ ଏବଂ ଭିଡିଓ) **ବଦ୍ରୀନାଥ ଜେନା** କହନ୍ତି......

## - V/O - (ବଦ୍ରୀନାଥ ଜେନା)

ଫଟୋଗ୍ରାଫି କେବଳ ଏକ ଚିତ୍ରର ଉତ୍ସବ ନୁହେଁ ବରଂ ଆମ ଜୀବନ, ସଂସ୍କୃତି, ଭାବାବେଗ ଏବଂ ସୃଜନଶୀଳତାର ଗଭୀର ଅଭିବ୍ୟକ୍ତି।

**ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆଁ**

## ମାନବିକତା ଦିବସ

ଯୁଦ୍ଧ ଓ ସଂଘର୍ଷ ସ୍ଥିତିର ସମ୍ମୁଖୀନ ହେଉଥିବା ପୃଥିବୀରେ ଜନସାଧାରଣଙ୍କର ଦୁଃଖ ଦୁର୍ଦ୍ଦଶା ସଂପର୍କରେ ସଚେତନତା ସୃଷ୍ଟି କରାଇବା ନେଇ ଆଜି ବିଶ୍ୱ ମାନବିକତା ଦିବସ ପାଳନ କରାଯାଉଛି । ମାନବ ସେବାରେ ଜୀବନ ଉତ୍ସର୍ଗ କରିଥିବା ଓ ପ୍ରାଣ ହରାଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନ ଓ ସମର୍ଥନ ଦେବା ଉଦ୍ଦେଶ୍ୟରେ ମଧ୍ୟ ଏହି ଦିବସ ପାଳନ କରାଯାଇଥାଏ । ପୃଥିବୀରେ ବର୍ତ୍ତମାନ କୋଟି କୋଟି ଲୋକ ଯୁଦ୍ଧ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ଭଳି ସଂକଟର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କୁ ମାନବୀୟ ସହାୟତା ଦେବା ପାଇଁ ୨୦୦୮ ମସିହାରେ ଜାତିସଂଘ ସାଧାରଣ ସଭା ଦ୍ୱାରା ବିଶ୍ୱ ମାନବିକତା ଦିବସ ପାଳନ ନେଇ ନିଷ୍ପତ୍ତି ନିଆଯାଇଥିଲା ଏବଂ ୨୦୦୯ ମସିହା ଠାରୁ ଆନୁଷ୍ଠାନିକ ଭାବେ ଏହି ଦିବସ ପାଳନ କରାଯାଉଛି ।

## ପାଣିପାଗ

ଦକ୍ଷିଣ ଉପକୂଳ ଓଡ଼ିଶା ଉପରେ ରହିଥିବା ଅବପାତ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଘଣ୍ଟାପ୍ରତି ୧୧ କିଲୋମିଟର ବେଗରେ ଗତି କରିବା ସହ ଆଜି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ଉପରେ କେନ୍ଦ୍ରୀଭୂତ ହୋଇଛି । ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ,

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ୨୮ଟି ଜିଲ୍ଲାରେ ବିଜୁଳି ଘଡଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି।